ଆମ ସଂପର୍କରେ ...

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ବିଜ୍ଞପ୍ତି ନଂ-495/2005, 29 ଅକ୍ଟୋବର 2005 ଅନୁଯାୟୀ ଓଡ଼ିଶା ସୂଚନା କମିଶନ ଗଠିତ ହୋଇଅଛି । ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ରାମେଶ୍ୱର ଠାକୁର ରାଜ୍ୟ ମୁଖ୍ୟ ସୂଚନା କମିଶନର ଭାବେ ଅବସରପ୍ରାପ୍ତ ଆଇ.ଏ.ଏସ୍. ଶ୍ରୀ ଡି.ଏନ୍. ପାଢ଼ୀଙ୍କୁ (ଯିଏକି ଏହି ଉଦ୍ଦେଶ୍ୟରେ ଆଇ.ଏ.ଏସ୍. ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ) ଏବଂ ରାଜ୍ୟ ସୂଚନା କମିଶନର ଭାବେ ପ୍ରଫେସର ରାଧାମୋହନଙ୍କୁ 2005 ମସିହା ନଭେମ୍ବର 20 ତାରିଖ ରବିବାର ଦିନ ଶପଥ ପାଠ କରାଇବା ପରଠାରୁ ଏହା କାର୍ଯ୍ୟକାରୀ ହେଲା ।

2005 ମସିହା ନଭେମ୍ବର 21 ତାରିଖ ସୋମବାର ସକାଳ 10ଟା ସମୟରେ ଏହି କମିଶନ ର ପ୍ରଥମ ସରକାରୀ ମିଟିଙ୍ଗ୍ ରାଜ୍ୟ ଅତିଥି ଭବନସ୍ଥ ଅସ୍ଥାୟୀ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା ।

ସୂଚନା ଅଧିକାର ନିୟମ-2005ର ଆନୁଷଙ୍ଗିକ ବ୍ୟବସ୍ଥା ଅନୁଯାୟୀ କର୍ମକର୍ତ୍ତାଙ୍କର ମାନ୍ୟତା ଓ କାର୍ଯ୍ୟାବଳୀ ନିମ୍ନମତେ ପ୍ରଦତ୍ତ :

15(4) ରାଜ୍ୟ ସୂଚନା କମିଶନ ର ତତ୍ତ୍ୱାବଧାନ, ନିର୍ଦ୍ଦେଶନା ଏବଂ ପରିଚାଳନା ସଂକ୍ରାନ୍ତୀୟ ସମସ୍ତ ବ୍ୟାପାରଗୁଡ଼ିକ ରାଜ୍ୟ ମୁଖ୍ୟ ସୂଚନା କମିଶନରଙ୍କ ଉପରେ ନ୍ୟସ୍ତ ରହିବ, ଯାହାଙ୍କୁ କି ରାଜ୍ୟ ସୂଚନା କମିଶନର ସହାୟତା ପ୍ରଦାନ କରିବେ ଏବଂ ରାଜ୍ୟ ସୂଚନା କମିଶନ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ପ୍ରଭାବିତ ନ ହୋଇ ଯେଭଳି ସମସ୍ତ କାର୍ଯ୍ୟ ସ୍ୱାଧୀନ ଭାବେ ନିର୍ବାହ କରିବେ ।

16(5) ବେତନ ଓ ଭତ୍ତା ଏବଂ ଚାକିରି ସଂପର୍କିତ ସର୍ତ୍ତାବଳୀ -

(a) ରାଜ୍ୟ ମୁଖ୍ୟ ସୂଚନା କମିଶନର ନିର୍ବାଚନ କମିଶନରଙ୍କ ସହ ସମାନ ।

(b) ରାଜ୍ୟ ସୂଚନା କମିଶନର ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କ ସହ ସମାନ ।

ସେହିପରି ରାଜ୍ୟ ମୁଖ୍ୟ ସୂଚନା କମିଶନର ଏବଂ ରାଜ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପରେ ସେମାନଙ୍କର ଦରମା, ଭତ୍ତା ଏବଂ ଚାକିରି ସମ୍ବନ୍ଧୀୟ ଅନ୍ୟ ସର୍ତ୍ତାବଳୀର ତାରତମ୍ୟରେ ଯେପରି ସେମାନଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।

▪▪▪▪▪▪▪▪